# ୩୦

# ପରିବେଶ ଉପରେ ମାନବର ପ୍ରଭାବ

ପ୍ରକୃତିର ଦାନ ପାଇଁ ପ୍ରଶଂସା କରିବାକୁ ଯେତେବେଳେ ଅନେକ କାରଣ ରହିଛି, ସେହିଭଳି ଅନେକ କାରଣ ରହିଛି ପରିବେଶୀୟ ସମସ୍ୟା ପାଇଁ ଦୁଃଖ ପ୍ରକାଶ କରିବାକୁ । ପରିବେଶୀୟ ସମସ୍ୟାର ବୃଦ୍ଧି ପାଇଁ ଦୁର୍ବଳ କାରଣ ହେଲା- ପ୍ରାକୃତିକ ପ୍ରକ୍ରିୟା ଓ ମାନବର କାର୍ଯ୍ୟକଳାପ । ଏହି ସମସ୍ୟାଗୁଡ଼ିକ ମାନବ ତଥା ଅନ୍ୟାନ୍ୟ ଜୀବଜନ୍ତୁଙ୍କ ଉପରେ ଗୁରୁତର ଖରାପ ପ୍ରଭାବ ପକାଉଛି ।

ଏହି ପାଠରେ ତୁମେମାନେ କେତେକ ପ୍ରାକୃତିକ ତଥା ମନୁଷ୍ୟକୃତ ପରିବେଶୀୟ ସମସ୍ୟା, ସେଗୁଡ଼ିକର କାରଣ, ପ୍ରଭାବ ଓ ନିୟନ୍ତ୍ରଣ ସମ୍ବନ୍ଧରେ ଅଧ୍ୟୟନ କରିବ । ପ୍ରଥମେ ଆମ୍ଭେମାନେ ମନୁଷ୍ୟକୃତ କାର୍ଯ୍ୟକଳାପର ପରିଣାମ ସମ୍ବନ୍ଧରେ ବୁଝିବା ଏବଂ ତା'ପରେ ପ୍ରାକୃତିକ ବିପର୍ଯ୍ୟୟ ସମ୍ବନ୍ଧରେ ଆଲୋଚନା କରିବା । ଏ ସବୁ ଆଲୋଚନା ପୂର୍ବରୁ ବର୍ଦ୍ଧିତ ଜନସଂଖ୍ୟା, ପରିବେଶ ଉପରେ କିଭଳି ପ୍ରଭାବ ପକାଉଛି ତାହା ଆଲୋଚନା ସାପେକ୍ଷ ।

## ଉଦ୍ଦେଶ୍ୟାବଳୀ

ଏହି ପାଠ ସଂପୂର୍ଣ୍ଣ କଲାପରେ ତୁମେମାନେ ସକ୍ଷମ ହେବ-

- ପରିବେଶୀୟ ସମସ୍ୟା ଉପରେ ଚିନ୍ତାବ୍ୟକ୍ତ କରିବାକୁ
- ପରିବେଶୀୟ ସମସ୍ୟାକୁ ପ୍ରାକୃତିକ ଓ ମନୁଷ୍ୟକୃତ ଭାବେ ବିଭାଗୀକରଣ କରି ଉଦାହରଣ ଦେବାକୁ
- ପ୍ରାକୃତିକ ବିପର୍ଯ୍ୟୟର ଅର୍ଥ ବୁଝି ସେଥିରୁ କେତୋଟିର ସଂକ୍ଷିପ୍ତ ବର୍ଣ୍ଣନା, ସେଗୁଡ଼ିକର ପରିଚାଳନା ପଦ୍ଧତି ସମ୍ବନ୍ଧରେ ଜାଣିବାକୁ
- ବିଶାଳ ଜନସଂଖ୍ୟା ଓ ପରିବେଶ ଉପରେ ଏହାର ପ୍ରଭାବ ମଧ୍ୟରେ ସଂପର୍କ ପ୍ରତିଷ୍ଠା କରିବାକୁ
- ଜୈବ ଅବକ୍ଷୟ କ୍ଷମ ଓ ଜୈବ ଅବକ୍ଷୟ ଅକ୍ଷମ ଆବର୍ଜନାର ସଂଜ୍ଞା ନିରୂପଣ କରି ଆବର୍ଜନା ପରିଚାଳନାର ପଦ୍ଧତି ସମ୍ବନ୍ଧରେ ପ୍ରସ୍ତାବ ଦେବାକୁ
- ଓଜୋନ୍ ଗର୍ତ୍ତ, ବିଶ୍ୱ ତାପନ, ପେଟ୍ରୋକେମିକାଲ୍ ଘନକୁହୁଡ଼ି, ଅମ୍ଳବୃଷ୍ଟି ଭଳି କିଛି ପରିବେଶୀୟ ସମସ୍ୟା ଉପରେ ଆଲୋଚନା କରିବାକୁ





## ୩୦.୧ ପରିବେଶୀୟ ସମସ୍ୟା ଚିନ୍ତାର କାରଣ

ତୁମେମାନେ ପୂର୍ବପାଠରେ ପ୍ରାକୃତିକ ପରିବେଶ ଏବଂ ଏହାର ଉପାଦାନଗୁଡ଼ିକ ସମ୍ବନ୍ଧରେ ପାଠ କରିଛ । ଜୀବନଧାରଣ ପାଇଁ ନିର୍ମଳ ପରିବେଶ କିଭଳି ଗୁରୁତ୍ୱପୂର୍ଣ୍ଣ ତାହା ତୁମେ ହୃଦୟଙ୍ଗମ କରିଥିବ । କିନ୍ତୁ ମନୁଷ୍ୟର ଉନ୍ନୟନମୂଳକ କାର୍ଯ୍ୟକଳାପ ପରିବେଶର କ୍ଷୟ ଓ ପ୍ରଦୂଷଣ କରିଛି । ତେଣୁ ଏହି କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି । ଆମ ଦେଶର ଲୋକସଂଖ୍ୟା ଏକଶହ କୋଟିରୁ ଊର୍ଦ୍ଧ୍ୱ ହୋଇସାରିଛି । ସମଗ୍ର ବିଶ୍ୱର ବିଶାଳ ଜନସଂଖ୍ୟା, ନିକଟ ଅତୀତରେ ଘଟିଥିବା ପ୍ରଯୁକ୍ତି ବିଦ୍ୟାର ଦ୍ରୁତ ଉନ୍ନତି ପରିବେଶ ପ୍ରତି ସମ୍ମାନର ଅଭାବ ସମସ୍ୟା ବୃଦ୍ଧି କରିଛି ବିଶେଷ କରି ପ୍ରଦୂଷଣ ଓ ପ୍ରାକୃତିକ ସଂପଦର ଅବକ୍ଷୟ ।

ଯଦିଓ ଭୂମିକମ୍ପ, ବନ୍ୟା, ସୁନାମୀ, ମହାବାତ୍ୟା ଏବଂ ଅଗ୍ନି ଭଳି ପ୍ରାକୃତିକ ଦୁର୍ଘଟଣାଗୁଡ଼ିକର ପ୍ରକୃତି ଉପରେ ବ୍ୟାପକ ପ୍ରଭାବ ପକାଇଥାଏ, ତଥାପି ପ୍ରକୃତିର ପୁର୍ନଗଠନ କ୍ଷମତା ମଧ୍ୟ ତଦନୁରୂପ ରହିଛି । ବର୍ତ୍ତମାନ ପ୍ରତ୍ୟେକ ନାଗରିକଙ୍କ ପାଇଁ ଉପଯୁକ୍ତ ସମୟ ଆସିଛି । ଉପରୋକ୍ତ ସମସ୍ତ ବିଷୟରେ ସଚେତନ ହୋଇ ପରିବେଶ ସୁରକ୍ଷା ସକାଶେ ନିଜନିଜର ଅବଦାନ ପ୍ରଦାନ ନିମନ୍ତେ ।

## ୩୦.୨ ପରିବେଶୀୟ ସମସ୍ୟା

ପରିବେଶୀୟ ସ ମସ୍ୟା ଘଟିବାର କାରଣ ହୋଇପାରେ ପ୍ରାକୃତିକ ବିପର୍ଯ୍ୟୟ ଅଥବା ମନୁଷ୍ୟକୃତ ଅବକ୍ଷୟ । ବିପର୍ଯ୍ୟୟ ପ୍ରାକୃତିକ ହେଉ ବା ମନୁଷ୍ୟକୃତ ଏହା ସର୍ବଦା ବ୍ୟାପକ ଧନଜୀବନ ନଷ୍ଟ କରିଥାଏ । ଏହି ବିପର୍ଯ୍ୟୟର ପ୍ରଭାବ ସ୍ଥାନୀୟ ଭାବେ ବା ବିଶ୍ୱବ୍ୟାପୀ ଅନୁଭୂତ ହୋଇଥାଏ । ସେଗୁଡ଼ିକୁ ମନୁଷ୍ୟକୃତ ବା ପ୍ରାକୃତିକ ରୂପେ ଶ୍ରେଣୀବିଭକ୍ତ କରାଯାଇଥାଏ ।

ପରିବେଶୀୟ ସମସ୍ୟା

| ପ୍ରାକୃତିକ ବିପର୍ଯ୍ୟୟ | ମନୁଷ୍ୟକୃତ ବିପର୍ଯ୍ୟୟ |
|---|---|
| • ବନ୍ୟା | • ଜଙ୍ଗଲହାନୀ ଏବଂ ପରିସଂସ୍ଥାର କ୍ଷୟ |
| • ବାତ୍ୟା | • ବାୟୁ, ଜଳ ଏବଂ ଭୂମି ପ୍ରଦୂଷଣ |
| • ଭୂମିକମ୍ପ | • ଜୀବାଶ୍ମ ଇନ୍ଧନର ଅବକ୍ଷୟ (ତୈଳ, କୋଇଲା ଓ ପ୍ରାକୃତିକ ଗ୍ୟାସ) |
| • ଜଙ୍ଗଲ ନିଆଁ | • ଜୀବ ଶରୀରରେ କୀଟନାଶକର ସଂକେନ୍ଦ୍ରଣ ଏବଂ ଜୈବବର୍ଦ୍ଧନ |
| • ସୁନାମୀ | • ଓଜୋନ୍ ସ୍ତରର ଅବକ୍ଷୟ ଓ ବିଶ୍ୱ ତାପନ |
| • ଭୂସ୍ଖଳନ | • ଅସ୍ୱାସ୍ଥ୍ୟକର ଜୀବନଶୈଳୀ |

## ୩୦.୩ ପ୍ରାକୃତିକ ବିପର୍ଯ୍ୟୟ ଓ ପରିବେଶ ଉପରେ ତା'ର ପ୍ରଭାବ

**? ତୁମେ ଜାଣ କି**

**ସଅଳ ସୂଚନା ପ୍ରଦାନ ନିମିତ୍ତ ଭାରତ ସରକାରଙ୍କ ବିଧବଦ୍ଧ ସଂସ୍ଥା**

| ବିପର୍ଯ୍ୟୟ | | ସଂସ୍ଥା |
|---|---|---|
| ବାତ୍ୟା | – | ଭାରତୀୟ ପାଣିପାଗ ବିଭାଗ |
| ସୁନାମୀ | – | ଭାରତୀୟ ଜାତୀୟ ମହାସାଗରୀୟ ସୂଚନା ସେବା କେନ୍ଦ୍ର |
| ବନ୍ୟା | – | ଜାତୀୟ ଜଳ ଆୟୋଗ |
| ଭୂସ୍ଖଳନ | – | ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା |
| ଉଷ୍ମ ଓ ହିମ ପ୍ରବାହ | – | ଭାରତୀୟ ପାଣିପାଗ ବିଭାଗ |

ଏହି ସଂସ୍ଥାଗୁଡ଼ିକ ନିର୍ଦ୍ଦିଷ୍ଟ ବିପର୍ଯ୍ୟୟ ସମ୍ବନ୍ଧୀୟ ସମସ୍ତ ବିବରଣୀ ସଂଗ୍ରହ ପାଇଁ ଉତ୍ତରଦାୟୀ । ବିବରଣୀ ସଂଗ୍ରହ କରି ସେଗୁଡ଼ିକୁ ଜାତୀୟ, ରାଜ୍ୟ ତଥା ଜିଲ୍ଲାସ୍ତରର ଉପଯୁକ୍ତ ଅଧିକାରୀମାନଙ୍କୁ ଜଣାଇବା ଏହି ସଂସ୍ଥାଗୁଡ଼ିକର ଦାୟିତ୍ୱ । ଉପରୋକ୍ତ ସମସ୍ତ ସଂସ୍ଥା ବିପର୍ଯ୍ୟୟ ସମ୍ବନ୍ଧରେ ପ୍ରାକ୍ ସୂଚନା ପ୍ରଦାନ ନିମିତ୍ତ ମାର୍ଗଦର୍ଶିକା ପ୍ରସ୍ତୁତ କରିଥାନ୍ତି ।

ଆସ କିଛି ବିପର୍ଯ୍ୟୟ ସମ୍ବନ୍ଧରେ ଆଲୋଚନା କରିବା ଏବଂ ମାନବ ତଥା ଅନ୍ୟ ପ୍ରାଣୀମାନଙ୍କ ଉପରେ ତା'ର କି ପ୍ରଭାବ ପଡୁଛି ଜାଣିବା ।

### ୩୦.୩.୧ ବନ୍ୟା

ଭାରତ ବହୁ ନଦୀ ବା କ୍ରାନ୍ତୀୟ ଜଳବାୟୁର ଦେଶ ହୋଇଥିବାରୁ ବିଶ୍ୱର ସର୍ବାଧିକ ବନ୍ୟା ପ୍ରପୀଡ଼ିତ ଦେଶମାନଙ୍କ ମଧ୍ୟରୁ ଗୋଟିଏ । ଆମେ ନିୟମିତ ଭାବେ ବନ୍ୟାଜନିତ କ୍ଷୟକ୍ଷତି ସମ୍ବନ୍ଧରେ ଜାଣୁ । ବନ୍ୟା ବହୁବାର ହୋଇଥାଏ କାରଣ ବର୍ଷାଋତୁରେ ନଦୀଗୁଡ଼ିକ ଜଳପୂର୍ଣ୍ଣ ହୋଇଥାନ୍ତି । ପ୍ରବଳ ବୃଷ୍ଟିପାତଜନିତ ପ୍ରଚୁର ଜଳ ପ୍ରବାହକୁ କ୍ରମଶଃ ପୋତି ହୋଇଯାଇଥିବା ଅଗଭୀର ନଦୀଶଯ୍ୟା ଧାରଣ କରିପାରୁନଥିବାରୁ ବନ୍ୟା ଦେଖାଦିଏ । ଯେଉଁ ଅଞ୍ଚଳରେ ଜଳ ନିଷ୍କାସନର ଉପଯୁକ୍ତ ସୁବିଧା ନଥାଏ, ସେ ଅଞ୍ଚଳ ବ୍ୟାପକ ଭାବେ ଜଳମଗ୍ନ ହୋଇଥାଏ । ତୁମେମାନେ ଜାଣ କି ନଦୀର ପ୍ରାକୃତିକ ପ୍ରବାହକୁ ମନୁଷ୍ୟ ରୋକିବା ଦ୍ୱାରା ବନ୍ୟା ମଧ୍ୟ ସୃଷ୍ଟି ହୋଇଥାଏ ।




ଚିତ୍ର ୩୦.୧ (କ) ବନ୍ୟା ଦ୍ୱାରା ରାସ୍ତା ଅବରୋଧ (ଖ) ମାନବ ଜୀବନ ଓ ସଂପଦ ବନ୍ୟା ଦ୍ୱାରା ପ୍ରଭାବିତ

ପ୍ରାୟତଃ ଭାରତର ସବୁ ରାଜ୍ୟ ଭୟଙ୍କର ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥାନ୍ତି । ମନୁଷ୍ୟ ଓ ଗୋରୁଗାଈଙ୍କ ଜୀବନ ହାନି ଛଡ଼ା ବର୍ଷକୁ ହାରାହାରି ପ୍ରାୟ ୭୫ ଲକ୍ଷ ହେକ୍ଟର ଜମି ବନ୍ୟା ପ୍ଲାବିତ ହୋଇ ବ୍ୟାପକ ଫସଲ ହାନି ଘଟିଥାଏ । ଏତଦ୍‌ବ୍ୟତୀତ ଗୃହ ତଥା ସର୍ବସାଧାରଣ ବ୍ୟବହୃତ ରାସ୍ତା ମଧ୍ୟ ନଷ୍ଟ ହୋଇଥାଏ । ଏକ ପକ୍ଷରେ ବନ୍ୟା ବ୍ୟାପକ କ୍ଷୟକ୍ଷତି କରୁଥିଲାବେଳେ ଅନ୍ୟ ପକ୍ଷରେ ଏହା ମୃତ୍ତିକାର ଗୁଣବତ୍ତା ବୃଦ୍ଧି କରି କୃଷି ଉତ୍ପାଦନ ବୃଦ୍ଧି କରିଥାଏ ।

### ସତର୍କତାମୂଳକ ପଦକ୍ଷେପ ଓ ପରିଚାଳନା

ବନ୍ୟାଜନିତ କ୍ଷୟକ୍ଷତିକୁ ପ୍ରତିହତ କରିବା ନିମିତ୍ତ ନିମ୍ନଲିଖିତ ପଦକ୍ଷେପ ନିଆଯାଇପାରେ ।

- ନଦୀଶଯ୍ୟାରେ କୌଣସି ବନ୍ଧଗଠନ ହେବାକୁ ଅନୁମତି ନମିଳିବା ।
- ଜଳଧାରା ତଥା ଜଳଭଣ୍ଡାରଗୁଡ଼ିକର ସମୟ ଉପଯୋଗୀ ସଫା ତଥା ପଟୁ କାଢ଼ିବା ।
- ନଦୀରୁ ନଦୀକୁ, ଡ୍ରେନ୍‌ରୁ ଡ୍ରେନ୍‌କୁ ବଳକା ପାଣିକୁ ସହଜ ପ୍ରବାହ ।
- ପୂର୍ବ ବନ୍ୟାର ଜଳସ୍ତରଠାରୁ ଉଚ୍ଚ ପଉନରେ ସରକାରୀ ପ୍ରତିଷ୍ଠାନ, ବିଦ୍ୟାଳୟ, କାର୍ଯ୍ୟାଳୟ, ଟେଲିଫୋନ୍ ଏକ୍ସଚେଞ୍ଜ, ପାଓ୍ୱାରଷ୍ଟେସନ୍, ରେଳଧାରଣା, ରେଳଷ୍ଟେସନ, ରାସ୍ତା ଏବଂ ଆବାସିକ ଗୃହ ନିର୍ମାଣ ହେବା ଆବଶ୍ୟକ ।
- ବନ୍ୟା ନିରୋଧକ କୋଠା ନିର୍ମାଣ ।
- ସ୍ଥାନୀୟ ଗୋଷ୍ଠୀ ତଥା କର୍ତ୍ତୃପକ୍ଷ ତୁରନ୍ତ ଘର ଖାଲି କରାଇବା ପାଇଁ ବ୍ୟବସ୍ଥା କରିବା ଦରକାର । ବନ୍ୟାପ୍ରବଣ ଅଞ୍ଚଳରେ ଆଶ୍ରୟସ୍ଥଳ ନିରୂପଣ ଓ ଲୋକମାନଙ୍କୁ ସେହି କେନ୍ଦ୍ରକୁ ଆସିବା ପାଇଁ ତୁରନ୍ତ ଜଣାଇବା ଅତି ଜରୁରୀ । ଖାଦ୍ୟ ଓ ପାନୀୟ ଜଳର ଉପଯୁକ୍ତ ଯୋଗାଣ ମଧ୍ୟ ବିଚାରଯୋଗ୍ୟ ।

  ବନ୍ୟା ମଧ୍ୟ ସଂକ୍ରାମକ ରୋଗର କାରଣ ହୋଇଥାଏ । ସଂକ୍ରାମକ ରୋଗରୁ ରକ୍ଷା କରିବା ପାଇଁ ସମ୍ଭାବ୍ୟ ଦୁଇଟି ଉପାୟରେ ତୁମେ କହିପାରିବ କି ? ହଁ ତୁମ୍ଭେମାନେ ଠିକ୍ । (୧) ଫୁଟା ପାଣି ପିଇବା ପାଣି (୨) ଉପଯୁକ୍ତ ରନ୍ଧାଖାଦ୍ୟ


ସଂକ୍ରାମକ ରୋଗ : ସଂସର୍ଗଜନିତ ରୋଗ ଯାହା ଖୁବ୍ ଶୀଘ୍ର ବ୍ୟାପିଯାଏ ।

### ୩୦.୩.୨ ବାତ୍ୟା

ଭାରତର ଏକ ସୁଦୀର୍ଘ ବେଳାଭୂମି ଅଛି ଯାହାକି ବଙ୍ଗୋପସାଗର ତଥା ଆରବ ସାଗରର କ୍ରାନ୍ତୀୟ ବାତ୍ୟାର ସହଜ ଶିକାର ହୋଇଥାଏ । ବଙ୍ଗୋପସାଗର ଅଞ୍ଚଳ ବହୁବାର ଝଡ଼ ଓ ବାତ୍ୟା ଦ୍ୱାରା ଧ୍ୱଂସବିଧ୍ୱସ୍ତ ହୋଇଥାଏ । ବାତ୍ୟା ହେଉଛି ଘନୀଭୂତ ଲଘୁଚାପ ଅଞ୍ଚଳ ଯେଉଁଠି ଅବପାତ ଦେଖାଦିଏ । ଭୟଙ୍କର ବାତ୍ୟା ସହିତ ପ୍ରବଳ ପବନ ଓ ଘୂର୍ଣ୍ଣିଝଡ଼ ହୋଇଥାଏ ।

ଭାରତରେ ଦୁଇଟି ବାତ୍ୟା ଋତୁ ଅଛି । ଗୋଟିଏ ହେଉଛି ପ୍ରାକ୍ ମୌସୁମୀ ଋତୁ (ଏପ୍ରିଲ-ମେ) ଏବଂ ଦ୍ୱିତୀୟଟି ହେଉଛି ମୌସୁମୀ ପରବର୍ତ୍ତୀ (ଅକ୍ଟୋବର - ଡିସେମ୍ବର) ବାତ୍ୟା ଦ୍ୱାରା ସର୍ବାଧିକ ପ୍ରଭାବିତ ହେଉଥିବା ରାଜ୍ୟଗୁଡ଼ିକ ହେଲେ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଏବଂ ପଶ୍ଚିମବଙ୍ଗ ।

ଓଡ଼ିଶାର ବାଲେଶ୍ୱର ଜିଲ୍ଲା ସର୍ବାଧିକ ବାତ୍ୟା ପ୍ରଭାବିତ ଜିଲ୍ଲା । ୨୯ ଅକ୍ଟୋବର ୧୯୯୯ରେ ଓଡ଼ିଶାରେ ହୋଇଥିବା ମହାବାତ୍ୟା ସମ୍ବନ୍ଧରେ ଶୁଣିଥିବ । ଯେଉଁଥିରେ ଘଣ୍ଟା ପ୍ରତି ୨୭୦-୩୦୦ କି.ମି.ରେ ପବନ ବହିବା ସାଙ୍ଗକୁ ୩ ଦିନ ଲଗାତାର ପ୍ରବଳ ବୃଷ୍ଟିପାତ ଲାଗିରହିଥିଲା । ସମୁଦ୍ରର ଜଳରାଶି ୭ କି.ମି. ପର୍ଯ୍ୟନ୍ତ ଉପରକୁ ଉଠିଯାଇ କୂଳଆଡ଼କୁ ପ୍ରାୟ ୧୫-୨୦ କି.ମି ମାଡ଼ିଯାଇଥିଲା । ଏହା ବ୍ୟାପକ ଧନଜୀବନ କ୍ଷତି କରିଥିଲା । ଏହି ମହାବାତ୍ୟାରେ କୃଷି, ପଶୁସଂପଦ, ଭିତିଭୂମି, ଶିଳ୍ପ ଏବଂ ପରିବେଶ ଭୟଙ୍କର ଭାବେ ନଷ୍ଟ ହୋଇଥିଲା ।



ଚିତ୍ର ୩୦.୨ (କ) ବାତ୍ୟାର ଉତ୍ପତ୍ତି   (ଖ) ବାତ୍ୟା ଉପକୂଳ ଧନଜୀବନ ନଷ୍ଟଭ୍ରଷ୍ଟ କରେ ।

## ପ୍ରତିକାରମୂଳକ ପଦକ୍ଷେପ ଓ ପରିଚାଳନା

ବାତ୍ୟାଜନିତ ନିରାପତ୍ତାକୁ ଆଖିଆଗରେ ରଖି କୋଠାଗୁଡ଼ିକ ନିର୍ମାଣ ହେବା ଉଚିତ । ଶୁଖିଲା ବୃକ୍ଷ, ହାଲୁକା ଭାବେ ପୋତାଯାଇଥିବା ଖୁମ୍ବ ଓ ଅସୁରକ୍ଷିତ କୋଠାଗୁଡ଼ିକୁ ପୁରାପୁରି ହଟାଯିବା ଦରକାର । ଅଧିକ ଖାଦ୍ୟ ଓ ପ୍ରଚୁର ପାନୀୟ ଜଳ ଆଗକୁ ସାଇତି ରଖିବା ଉଚିତ । କିରୋସିନି ଭର୍ତ୍ତି ଲଣ୍ଠନ, ଟର୍ଚ୍ଚଲାଇଟ୍, ଦିଆସିଲି, ମହମବତୀ ଇତ୍ୟାଦି ପ୍ରସ୍ତୁତ ରଖିବା ଉଚିତ । ବାତ୍ୟା ଦେଖାଦେଲେ ସମସ୍ତେ ବାତ୍ୟା ଆଶ୍ରୟସ୍ଥଳରେ ପୁନର୍ବାର ଘରକୁ ଫେରିବାର ସୂଚନା ନ ମିଳିବା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଭାବେ ଅବସ୍ଥାନ କରିବା ଦରକାର । ଭୟଭୀତ ନ ହେବା ବା ଗୁଜବ ପ୍ରତି ଧ୍ୟାନ ଦେବା ଉଚିତ ନୁହେଁ ।

ବାତ୍ୟା ସରିଯିବା ପରେ ସମସ୍ତେ ପ୍ରତିଷେଧକ ନେବା ଜରୁରୀ । ଆହତ ତଥା ରୁଗ୍ଣ ବ୍ୟକ୍ତିମାନେ ଡାକ୍ତରୀ ପରାମର୍ଶ ତଥା ଚିକିତ୍ସା କରିବା ଦରକାର । ଘରକୁ ଯାଇ ଅଳିଆ ଆବର୍ଜନା ସଫାକରି ରହିବା ଉଚିତ । କୌଣସି କ୍ଷୟକ୍ଷତି ହୋଇଥିଲେ ରାଜସ୍ୱ ଅଧିକାରୀଙ୍କୁ ଜଣାଇବେ ।

### ୩୦.୩.୩ ଭୂମିକମ୍ପ

ଭୂମିକମ୍ପ ହେଉଛି ଏକ ସାଧାରଣ ପ୍ରାକୃତିକ ଘଟଣା । ଏହା ହେଉଛି ଭୂଅଭ୍ୟନ୍ତରରେ ଥିବା ଶିଳାସ୍ତର ମଧ୍ୟରେ ତତ୍‌କ୍ଷଣାତ୍ ଆଘାତ ବା ପରିବର୍ତ୍ତନ । ଆମେମାନେ ୨୬ ଜାନୁଆରୀ ୨୦୦୨ରେ ଗୁଜୁରାଟର ଅହମଦାବାଦ ନିକଟବର୍ତ୍ତୀ ଭୁଜ୍ ଏବଂ ଅଞ୍ଜାରରେ ଘଟିଥିବା ଭୂମିକମ୍ପରେ ହୋଇଥିବା ଭୟଙ୍କର ଧନଜୀବନ କ୍ଷୟକ୍ଷତି ସମ୍ବନ୍ଧରେ ଅବଗତ ଅଛେ । ଏହାପୂର୍ବରୁ ମହାରାଷ୍ଟ୍ରର ଲାଟୁର ଠାରେ ୧୯୯୩ ସେପ୍ଟେମ୍ବର ୩୦ ତାରିଖ ଦିନ ଅନୁରୂପୀ ଭୂମିକମ୍ପ ହୋଇଥିଲା । ଅଧିକାଂଶ ଭୂମିକମ୍ପ ପ୍ରାୟେ ଜଣାପଡ଼ିନଥାଏ ।

## ଅଧିକାଂଶ ଭୂମିକମ୍ପ ଅଦୃଶ୍ୟଭାବେ ଅନୁଭୂତ ହୋଇଥାଏ

ଉଚ୍ଚ ତୀବ୍ରତା ବିଶିଷ୍ଟ ଭୂମିକମ୍ପ କୋଠାଗୁଡ଼ିକ ହଲିଯାଇଥାଏ ଏବଂ ଇଟାଗୁଡ଼ିକ ଢିଲା ହୋଇଯାଏ । କାନ୍ଥ ପଡ଼ିବା ହେତୁ ଧନଜୀବନ ଆଘାତପ୍ରାପ୍ତ ହୋଇଥାଏ । ଭୂମିକମ୍ପ ମଧ୍ୟ ପାଣିପାଇପ୍ ଭାଙ୍ଗିଥାଏ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୁଏ, ରାସ୍ତା ଏବଂ ରେଳଧାରଣା ମଧ୍ୟ ନଷ୍ଟ ହୁଏ ।

ଭୂମିକମ୍ପର ତୀବ୍ରତା, ଭୂଅଭ୍ୟନ୍ତରରେ ଥିବା ଶିଳା କମ୍ପନରୁ ନିର୍ଗତ ଶକ୍ତିର ପରିମାଣ ସହିତ ସମ୍ବନ୍ଧିତ । ଏହା ସିସ୍‌ମୋଗ୍ରାଫ୍ ନାମକ ଏକ ଯନ୍ତ୍ର ସାହାଯ୍ୟରେ ମପାଯାଏ । (ବୈଜ୍ଞାନିକ ସି.ଏଫ୍. ରିଚର୍‌ଙ୍କ ଦ୍ୱାରା ଉଦ୍ଭାବିତ)

ନିମ୍ନଲିଖିତ ମୂଲ୍ୟସୂଚୀ କ୍ଷୟକ୍ଷତିର ମାତ୍ରା ସୂଚାଏ:-

| ରିଚର୍ ସ୍କେଲ୍‌ରେ ତୀବ୍ରତା | କ୍ଷୟକ୍ଷତିର ମାତ୍ରା |
|---|---|
| ୩ ପର୍ଯ୍ୟନ୍ତ | କୌଣସି କ୍ଷୟକ୍ଷତି ହୁଏନାହିଁ |
| ୫ | କୋଠାବାଡ଼ିରେ ଫାଟ |
| ୭ | ରାସ୍ତାରେ ଫାଟ |
| ୮ରୁ ଅଧିକ | କୋଠାବାଡ଼ି ଭାଙ୍ଗି ତଳେ ପଡ଼ିଥାଏ |

## ଭୟଙ୍କର ଭୂମିକମ୍ପର ପ୍ରଭାବ:

ନିକଟ ଅତୀତରେ ତୁମେମାନେ ୧୮-ସେପ୍ଟେମ୍ବର ୨୦୧୧ରେ ସିକିମ୍‌ରେ ଘଟିଥିବା ଭୂମିକମ୍ପର ଚିତ୍ର ଟିଭି ପର୍ଦ୍ଦାରେ କିମ୍ବା ଖବରକାଗଜରେ ଦେଖିଥିବ ।

ଭୂମିକମ୍ପ ଯୋଗୁଁ ଭାଙ୍ଗି ପଡ଼ିଥିବା କୋଠାବାଡ଼ିର ଭଗ୍ନାବଶେଷ ଭୟଙ୍କର ସମସ୍ୟା ସୃଷ୍ଟିକରିଥାଏ । କିନ୍ତୁ ଭୂଆଭ୍ୟନ୍ତରରେ ଘଟିଥିବା ଚଳନ ଯୋଗୁଁ ସେମିତି ଅସୁବିଧା ହୋଇନଥାଏ ।



ଚିତ୍ର ୩୦.୩

ଏକ ଭୟଙ୍କର ଭୂମିକମ୍ପରେ ରାସ୍ତା, ପୋଲ, କୋଠାବାଡ଼ି ନଷ୍ଟହୁଏ ଏବଂ ବୈଦ୍ୟୁତିକ ତାରର ଲଘୁପଥନ ଫଳରେ ନିଆଁ ଲାଗିଯାଏ ।

## ପଦକ୍ଷେପ ଓ ପରିଚାଳନା:

ଆଧୁନିକ ଭୂମିକମ୍ପ-ନିରୋଧ ସ୍ଥାପତ୍ୟ କଳାକୁ ରାସ୍ତା, କୋଠାବାଡ଼ି, ନଦୀବନ୍ଧ, ପୋଲ ଇତ୍ୟାଦି ନିର୍ମାଣରେ ପ୍ରୟୋଗ କରାଯିବା ଉଚିତ ।

ଭୂମିକମ୍ପ ସମୟରେ ଯଥାସମ୍ଭବ ନିରାପଦ ସ୍ଥାନରେ ରହିବା ଆବଶ୍ୟକ । ସତର୍କ ହେବା ଉଚିତ ଯେ ପ୍ରକୃତରେ ସାମାନ୍ୟ ଭୂମିକମ୍ପ ପରେ ପରେ ଭୟଙ୍କର ଭୂମିକମ୍ପ ଘଟିଥାଏ । ସାମାନ୍ୟ ଭୂମିକମ୍ପ ପରେ ନିକଟସ୍ଥ ନିରାପଦ ଅଞ୍ଚଳରେ ଗୃହ ମଧ୍ୟରେ ରହିବା ଆବଶ୍ୟକ । ସର୍ବଦା ନିଜକୁ କାଚ,

ଝରକା, ବାହାରର କବାଟ, କାନ୍ଥ, ଇଲେକ୍ଟ୍ରିକ୍ ଖୁଣ୍ଟ, ଗଛ ଏଭଳି ଯେଉଁ ଜିନିଷ ପଡ଼ିବାର ସମ୍ଭାବନା ଅଛି, ସେଗୁଡ଼ିକଠାରୁ ଦୂରରେ ରହିବା ଉଚିତ । ଯଦି ତୁମେ ବହୁତଳ ବିଶିଷ୍ଟ କୋଠାରେ ରହୁଛ, ତେବେ ଯେଉଁ ମହଲାରେ ରହୁଛ, ସେଠି ରହିବା ଉଚିତ । ଭୂମିକମ୍ପ ସମୟରେ ଲିଫ୍ଟ ବ୍ୟବହାର କରିବା କିମ୍ବା ଶିଡ଼ି ଆଡ଼କୁ ଦୌଡ଼ିବା ଅନୁଚିତ ।

ତୁମେ ଏକ କାରଣ କହିପାରିବ କି କାହିଁକି ଆମେ ଭୂମିକମ୍ପ ବେଳେ ଲିଫ୍ଟ ବ୍ୟବହାର କରିବା ନାହିଁ । ଏହାର ଉତ୍ତର ଲାଗି ତୁମେ ଇଣ୍ଟରନେଟ୍‌ର ବ୍ୟବହାର କରିପାରିବ । ତୁମେ ତୁମର ମତାମତ ପ୍ରସ୍ତାବ ନିମ୍ନପ୍ରଦତ୍ତ ସ୍ଥାନରେ ଦେଇପାରିବ ।

---

---

ଯଦି ଯାତ୍ରା କରୁଥିବ, ତେବେ ଗାଡ଼ିକୁ ଚଳାଇବାକୁ ବନ୍ଦ କରି କୋଠାବାଡ଼ି, କାନ୍ଥ, ଗଛ, ଇଲେକ୍ଟ୍ରିକ୍ ଖୁଣ୍ଟ, ନୁଆଁଣିଆ ଘର, ଇଲେକ୍‌ଟ୍ରିକ୍ ତାରଠାରୁ ଦୂରରେ ରହି ଖୋଲା ଆକାଶ ତଳେ ରହିବ । କାନ୍ଥ ଭିତରେ ମଜଭୁତ ବିମ୍ ତଳେ ଖାଇବା ଟେବୁଲ୍ ତଳେ ବା ମଜବୁତ ଖଟତଳେ ଆଶ୍ରୟ ନିଆଯିବା ଉଚିତ ।

ଯଦି ତୁମେ କୋଠାଘରେ ରହିଛ ଏବଂ ବାହାରକୁ ଯାଇପାରୁନାହଁ, ସେତେବେଳେ ନିଜର ମୁଣ୍ଡ ଓ ଶରୀରକୁ ସଂପୂର୍ଣ୍ଣ ଭାବେ ତକିଆ ଓ କମ୍ବଳ ଦ୍ୱାରା ଆବୃତ ରଖି ପଡୁଥିବା ପଦାର୍ଥରୁ ନିଜକୁ ରକ୍ଷାକରିପାରିବ ।

**ଭୂମିକମ୍ପ ପରେ:**

ଶାନ୍ତ ରହି ରେଡିଓ କିମ୍ବା ଟିଭି ଖୋଲା ରଖି ଦିଆଯାଉଥିବା ନିର୍ଦ୍ଦେଶାବଳୀ ମାନିବା ଉଚିତ । ସମୁଦ୍ରକୂଳ, ନଦୀକୂଳ ଠାରୁ ଦୂରରେ ରହିବ । ବିରାଟ ତରଙ୍ଗ ଆସି ଭସାଇ ନେଇପାରେ ସେଥିପାଇଁ ପ୍ରସ୍ତୁତ ରହିବା ଉଚିତ ।

ଯଦି କିଛି ପ୍ରଜ୍ୱଳନଶୀଳ ପଦାର୍ଥ ଯଥା ଆଲ୍‌କହଲ୍ କିମ୍ବା ରଙ୍ଗ ପାଣି ଉପରେ ଭାସୁଥାଏ ତେବେ ତତ୍‌କ୍ଷଣାତ୍ ସେଗୁଡ଼ିକ ସଫା କରିବା ଉଚିତ । ଯଦି ତୁମେ ଜାଣିପାରିବ ଯେ, ଲୋକମାନେ ପୋତି ହୋଇଯାଉଛନ୍ତି, ତେବେ ଉଦ୍ଧାରକାରୀ ଦଳଙ୍କୁ ଖୁବ୍ ଶୀଘ୍ର ଖବର ଦେବା ଉଚିତ । ଆହତମାନଙ୍କ ଅବସ୍ଥା ଖରାପ ହେବାକୁ ଦିଅନ୍ତୁ ନାହିଁ । ନିଜର ଅବସ୍ଥା ମଧ୍ୟ ଖରାପ ହେବାକୁ ଦିଅନ୍ତୁ ନାହିଁ । କ୍ଷତ ଥିଲେ ପରୀକ୍ଷା କରିନିଅନ୍ତୁ । ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା କରନ୍ତୁ । ଅନ୍ୟମାନଙ୍କୁ ସାହାଯ୍ୟ କରନ୍ତୁ । ଅଗ୍ନି ସମ୍ବନ୍ଧରେ ପରୀକ୍ଷା କରିନେବ । ଭିତ୍ତିଭୂମି ନଷ୍ଟ ସମ୍ବନ୍ଧରେ ଜାଣିବ । ପରେ ପରେ ଗଦାହୋଇଥିବା ଅଳିଆକୁ ସଫା କରିବ ।

## କାର୍ଯ୍ୟକଳାପ ୩୦.୧

୧୮ ସେପ୍ଟେମ୍ବର ୨୦୧୧ ଦିନ ସିକିମ୍‌ରେ ଏକ ଭୟଙ୍କର ଭୂମିକମ୍ପ ଅନୁଭୂତ ହୋଇଥିଲା । ସେହି ସମୟରେ ଦିଲ୍ଲୀ ତଥା ଜାତୀୟ ରାଜଧାନୀ ଅଞ୍ଚଳରେ ମଧ୍ୟ ଏହା ଅନୁଭୂତ ହୋଇଥିଲା । ସେତେବେଳେ ସିକିମ୍‌ରେ ପ୍ରବଳ ଧନଜୀବନ, ଜୈବ ବିବିଧତା ନଷ୍ଟ ହୋଇଥିଲା କିନ୍ତୁ ଦିଲ୍ଲୀରେ ସେପରି କାହିଁକି ହୋଇନଥିଲା । ଏହାର କାରଣ ଜାଣିଛ କି ? ନିମ୍ନପ୍ରଦତ୍ତ ସ୍ଥାନରେ ଏହାର ଗୋଟିଏ କାରଣ ଲେଖ ।

---

---

### ୩୦.୩.୪ ଜଙ୍ଗଲ ନିଆଁ

ପ୍ରାଗୈତିହାସିକ କାଳରୁ ଜଙ୍ଗଲ ଓ ନିଆଁ ସଂଲଗ୍ନ ହୋଇ ରହିଆସିଅଛି । ପ୍ରକୃତରେ ଗ୍ରୀଷ୍ମ ମଣ୍ଡଳୀୟ ଅଞ୍ଚଳରେ ଜଙ୍ଗଲ ପରିସଂସ୍ଥା ପୁର୍ନଗଠନ ତଥା ନବଗଠନ ହୋଇଥାଏ ଜଙ୍ଗଲ ନିଆଁ ବା ବନାଗ୍ନି ସାହାଯ୍ୟରେ । ଜଙ୍ଗଲ ନିଆଁ ଆମମାନଙ୍କର ଏକ ମୁଖ୍ୟ ଚିନ୍ତାର ବିଷୟ କାରଣ ଏହା ଆମ ବାସସ୍ଥଳୀ ପ୍ରତି ବିପଦ ସୃଷ୍ଟି କରିଥାଏ । ତା'ଛଡ଼ା ମୂଲ୍ୟବାନ ଜଙ୍ଗଲଜାତ ଦ୍ରବ୍ୟ ଆମେ ହରାଇଥାଉ । ଜଙ୍ଗଲରୁ ପାଉଥିବା ସମସ୍ତ ସୁବିଧା ସମ୍ବନ୍ଧରେ ଆମେ ଅବଗତ । ଯଦି ଆମେ ଜଙ୍ଗଲ କାଠକୁ ନିଆଁ, ରୋଗ ଓ ପୋକ ଦାଉରୁ ରକ୍ଷା କରିପାରିବା, ତେବେ ଜଙ୍ଗଲଠାରୁ ସଂପୂର୍ଣ୍ଣ ଲାଭ ପାଇପାରିବା । ସମଗ୍ର ଭାରତ ବର୍ଷର ୧୯.୨୭% ହେଉଛି ଜଙ୍ଗଲ ଯାହାକି ୬୩.୩ ନିୟୁତ ହେକ୍ଟର ।



ଚିତ୍ର ୩୦.୪ ଜଙ୍ଗଲ ନିଆଁ

ଜଙ୍ଗଲ ନିଆଁକୁ ବିସ୍ତୃତ ଭାବରେ ତିନିଭାଗରେ ବିଭକ୍ତ କରାଯାଇପାରେ ।

- ପ୍ରାକୃତିକ କିମ୍ବା ନିୟନ୍ତ୍ରିତ ଜଙ୍ଗଲ ନିଆଁ । ଉଦାହରଣସ୍ୱରୂପ- ଶୁଷ୍କ ଗଛରେ ବିଜୁଳି ଦ୍ୱାରା ନିଆଁ ଲାଗିବା ।
- ଗ୍ରୀଷ୍ମ ଋତୁରେ ଅଧିକ ଉତ୍ତାପଜନିତ ଜୈବବସ୍ତୁତ୍ୱରେ ନିଆଁ ଲାଗିବା ।
- ମାନବ ଅବହେଳାଜନିତ ନିଆଁ । ଉଦାହରଣସ୍ୱରୂପ- ଦାୟିତ୍ୱହୀନ ଭାବେ ଜ୍ୱଳନ୍ତ ଦିଆସିଲି କାଠି ଫୋପାଡ଼ିବା ବା ଜଳନ୍ତା ସିଗାରେଟ୍ ଏଣେତେଣେ ଫୋପାଡ଼ିବା ।

### ଜଙ୍ଗଲ ନିଆଁର ପ୍ରଭାବ:

ଜଙ୍ଗଲ ନିଆଁ ହେଉଛି ଦ୍ରୁତ ଜଙ୍ଗଲ କ୍ଷୟର ଏକ ପ୍ରମୁଖ କାରଣ । ଏହି ଜଙ୍ଗଲ ନିଆଁର ବ୍ୟାପକ କୁପ୍ରଭାବ ପଡୁଛି ପରିସଂସ୍ଥା, ଅର୍ଥନୀତି ତଥା ସାମାଜିକ କ୍ଷେତ୍ରରେ ।

- ବହୁ ମୂଲ୍ୟବାନ କାଠ, ଜୈବ ବିବିଧତା ନଷ୍ଟ ହୋଇଥାଏ । ବହୁ ବୃକ୍ଷଲତା ଏବଂ ପ୍ରାଣୀ ନଷ୍ଟ ହୋଇଥାଏ । ପ୍ରାକୃତିକ ଅରଣ୍ୟ ସଂପଦ ନଷ୍ଟ ହୋଇଥାଏ । ଜଙ୍ଗଲ ନିଆଁ ହେତୁ ପରିବେଶ ଭୟଙ୍କର ଭାବେ ଧ୍ୱସ୍ତବିଧ୍ୱସ୍ତ ହୋଇଥାଏ । ଜଳ ପ୍ରକଳ୍ପ ଅଞ୍ଚଳଗୁଡ଼ିକ ମଧ ଜଙ୍ଗଲ ନିଆଁ ଦ୍ୱାରା ମଧ ପ୍ରଭାବିତ ହୋଇଥାଏ ।
- ଜଙ୍ଗଲ ନିଆଁର ଅନ୍ୟାନ୍ୟ ପରିବେଶୀୟ ପ୍ରଭାବ ହେଲା- ବିଶ୍ୱତାପନ, ଜଙ୍ଗଲ ନିଆଁ ଅଞ୍ଚଳରେ ସୂକ୍ଷ୍ମ ଜଳବାୟୁରେ ପରିବର୍ତ୍ତନ ଘଟିଥାଏ । ଫଳସ୍ୱରୂପ ଅସ୍ୱାସ୍ଥ୍ୟକର ପରିବେଶରେ ଜୀବନ କଟିଥାଏ । ମୃତ୍ତିକା କ୍ଷୟ ହେତୁ ଭୂମିର ଉତ୍ପାଦକତା କମିଯାଏ ଏବଂ ଓଜୋନ୍ ସ୍ତରର କ୍ଷୟ ହୋଇଥାଏ ।

  ପ୍ରାୟତଃ ୩୦୦ ନିୟୁତ ଲୋକ ପ୍ରତ୍ୟକ୍ଷ ଭାବରେ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ଜାଳକାଠ ସଂଗ୍ରହ ଉପରେ ନିର୍ଭର କରିଥାନ୍ତି । ଜଙ୍ଗଲ ନିଆଁ ଏହିଭଳି ଲୋକମାନଙ୍କର ଗୁଜୁରାଣ ମେଣ୍ଟାଇବାରେ ବାଧକ ହୋଇଥାଏ ।

### ପ୍ରତିରୋଧମୂଳକ ପଦକ୍ଷେପ ଓ ପରିଚାଳନା:

ନିମ୍ନଲିଖିତ ଉପାୟରେ ଜଙ୍ଗଲ ନିଆଁଜନିତ କ୍ଷୟକ୍ଷତିକୁ ନିୟନ୍ତ୍ରଣ କରିହେବ ।

- ଶୁଖିଲା ଡାଳପତ୍ର ଇତ୍ୟାଦିକୁ ଅଳିଆକୁ ଗ୍ରୀଷ୍ମଋତୁରେ ଜଙ୍ଗଲରୁ ବାହାର କରିବ ।
- ଦମକଳ ବାହିନୀକୁ ଡାକିବ, ପାଣି ସିଞ୍ଚନ ଦ୍ୱାରା ନିଆଁକୁ ଲିଭାଇବା ପାଇଁ ଚେଷ୍ଟା କରିବ ।

- ଜଙ୍ଗଲ ନିଆଁ ସମୟରେ ଫାର୍ମ ପଶୁଙ୍କୁ ଏବଂ ସ୍ଥାବର ସମ୍ପତ୍ତିକୁ ନିରାପଦ ସ୍ଥାନକୁ ନେଇଯିବ ।
- ଜଳନ୍ତା ବିଡ଼ି, ସିଗାରେଟ ବା କାଠକୁ ଏଣେତେଣେ ଫୋପାଡ଼ିବ ନାହିଁ ।
- ଜଙ୍ଗଲ ନିଆଁ ସମୟରେ ଜଙ୍ଗଲକୁ ଯିବନାହିଁ ।

ତୁମେ ଉତ୍ତର ଦେଇପାରିବ କି କାହିଁକି ଜଙ୍ଗଲ ନିଆଁକୁ ସହଜରେ ନିୟନ୍ତ୍ରଣ କରିହୁଏନାହିଁ । ତୁମେ ତୁମର ଗୁରୁଜନମାନଙ୍କ ସହିତ ପରାମର୍ଶ କରି କିମ୍ବା ଇଣ୍ଟରନେଟ୍ ବ୍ୟବହାର କରି ଏହାର ଉତ୍ତର ୫୦ଟି ଶବ୍ଦ ମଧ୍ୟରେ ନିମ୍ନପ୍ରଦତ୍ତ ସ୍ଥାନରେ ଲେଖ । ପାଇଥିବା ସୂଚନାକୁ ଭିତ୍ତିକରି ତୁମ ପରିବାରର ସମସ୍ତ ସଦସ୍ୟଙ୍କୁ ଜଣାଇଦିଅ କିପରି ଜଙ୍ଗଲ ନିଆଁ ସୃଷ୍ଟି ହୁଏ ଏବଂ ଏହାକୁ ବନ୍ଦ କରିବାର ଉପାୟଗୁଡ଼ିକ ସମ୍ବନ୍ଧରେ ।

### ୩୦.୩.୫ ସୁନାମୀ

ସୁନାମୀ ହେଉଛି ଏକ ଜାପାନୀ ଶବ୍ଦ । ଯାହର ଅର୍ଥ ହେଉଛି ପୋତାଶ୍ରୟ ତରଙ୍ଗ । ଭୂମିକମ୍ପ, ଭୂସ୍ଖଳନ କିମ୍ବା ଆଗ୍ନେୟଗିରି ଉଦ୍‌ଗୀରଣ ହେତୁ ପ୍ରଚୁର ପରିମାଣର ଜଳ ବିସ୍ଥାପନ ଏହା ସହିତ ସମ୍ବନ୍ଧିତ । ମହାସାଗର ଅଭ୍ୟନ୍ତରରେ ଭୂମିକମ୍ପ ହେତୁ ସୁନାମୀ ଘଟିଥାଏ । ସମୁଦ୍ରକୂଳରେ ଥିବା ବୃକ୍ଷରାଜି ଭଳି ପ୍ରାକୃତିକ ପ୍ରତିବନ୍ଧକ ସୁନାମୀର ପ୍ରଭାବକୁ କମାଇଥାଏ ।



ଚିତ୍ର ୩୦.୫ ସୁନାମୀ - ସମୁଦ୍ରତଳର ଭୂମିକମ୍ପ

**? ତୁମେ ଜାଣ କି**

ଡିସେମ୍ବର ୨୬ ତାରିଖ ୨୦୦୪ ମସିହାରେ ଭାରତ ମହାସାଗରରେ ଘଟିଥିବା ସୁନାମୀ ପରେ ଭାରତ ସରକାରଙ୍କ ଭୂବିଜ୍ଞାନ ମନ୍ତ୍ରଣାଳୟ ଭାରତୀୟ ଜାତୀୟ ମହାସାଗରୀୟ ସୂଚନା କେନ୍ଦ୍ର, ହାଇଦ୍ରାବାଦଠାରେ ଭାରତୀୟ ପ୍ରାକ୍ ସୁନାମୀ ସୂଚନା କେନ୍ଦ୍ର ଖୋଲିଛନ୍ତି । ଏହି କେନ୍ଦ୍ର ଉପକୂଳ ଅଞ୍ଚଳର ଲୋକମାନଙ୍କୁ ସୁନାମୀର ବହୁ ପୂର୍ବରୁ ସୂଚନା ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ।

**କେତେକ ଗୁରୁତ୍ୱପୂର୍ଣ୍ଣ ଘଟଣା ଅଧ୍ୟୟନ**

**୨୬, ଡିସେମ୍ବର ୨୦୦୪**ରେ ୮.୯ ତୀବ୍ରତା ବିଶିଷ୍ଟ ଏକ ଭୂମିକମ୍ପ ଇଣ୍ଡୋନେସିଆର ସୁମାତ୍ରାରେ ଅନୁଭୂତ ହୋଇଥିଲା ଯାହାର ଉପକେନ୍ଦ୍ର ଥିଲା ଏହାର ପଶ୍ଚିମ ଉପକୂଳ । ଏହାଦ୍ୱାରା ଇଣ୍ଡୋନେସିଆ, ଶ୍ରୀଲଙ୍କା ଓ ଭାରତର ଉପକୂଳରେ ସୁନାମୀର ଶୃଙ୍ଖଳ ସୃଷ୍ଟିକରିଥିଲା । ଭାରତର ତାମିଲନାଡୁ, ପଣ୍ଡିଚେରୀ, ଆନ୍ଧ୍ରପ୍ରଦେଶ, କେରଳ, ଆଣ୍ଡାମାନ ଦ୍ୱୀପପୁଞ୍ଜ ସାଂଘାତିକଭାବେ ପ୍ରଭାବିତ ହୋଇଥିଲା । ପାଖାପାଖି ୧୦୦୦୦ ଲୋକ ଏଥିରେ ମୃତ୍ୟୁବରଣ କରିଥିଲେ ଏବଂ ହଜାର ହଜାର ଲୋକ ବାସହରା ହୋଇଥିଲେ ।





**ମାନବ ବନାମ ପ୍ରକୃତି:** *(ଜାପାନରେ ଭୂମିକମ୍ପ, ସୁନାମି, ପରମାଣୁ ବିକିରଣ)*

୧୧, ମାର୍ଚ୍ଚ ୨୦୧୧ ଦିନ ବିଶ୍ୱର ଏକ ପ୍ରମୁଖ ବୈଷୟିକ ପ୍ରଗତିଶୀଳ ରାଷ୍ଟ୍ର ଜାପାନରେ ରିଚର ସ୍କେଲରେ ୯.୦ ପରିମାଣ ବିଶିଷ୍ଟ ଭୂମିକମ୍ପ ଅନୁଭୂତ ହୋଇଥିଲା । ଏହାର କେଇମିନିଟ୍ ପରେ ରିଚର୍ ସ୍କେଲ୍‌ରେ ୧୩.୦ ପରିମାଣବିଶିଷ୍ଟ ସୁନାମୀ ଦେଖାଯାଇଥିଲା । ବିଗତ ୧୩୦ ବର୍ଷ ମଧ୍ୟରେ ଏହା ଥିଲା ସବୁଠାରୁ ଶକ୍ତିଶାଳୀ ଭୂମିକମ୍ପ । ସେଣ୍ଡାଇ ବିମାନବନ୍ଦରରେ କୁଡ଼କୁଡ଼ କାର୍, ବସ୍, ଟ୍ରକ୍ ଏବଂ ବହଳ ବହଳ କାଦୁଅ ଜମା ହୋଇଥିଲା । କସ୍‌ମୋ ତୈଳ ବିଶୋଧନାଗାରରେ ଭୟଙ୍କର ଅଗ୍ନି ପ୍ରଜ୍ୱଳିତ ହୋଇଥିଲା ।




ଚିତ୍ର ୧୧ ମାର୍ଚ୍ଚ ୨୦୧୧ରେ ଘଟିଥିବା ସୁନାମୀ ଯୋଗୁଁ ଭୟଙ୍କର ବିପର୍ଯ୍ୟୟ




ଚିତ୍ର: ସୁନାମୀ ଯୋଗୁଁ କାର୍‌ଗୁଡ଼ିକ ସମୁଦ୍ରରେ ବୁଡ଼ିଯାଇଥାନ୍ତି ଏବଂ ଉଚ୍ଚ ଢ଼େଉରେ ବାସଗୃହ ଭାସିଯାଇଛି ।

ଯେହେତୁ ୫ଟି ନ୍ୟୁକ୍ଲିୟ ଶକ୍ତିକେନ୍ଦ୍ରରୁ ୨ଟି କେନ୍ଦ୍ରରେ ଶୀତଳ ପ୍ରକ୍ରିୟା ବ୍ୟାହତ ହୋଇଥିଲା, ତେଣୁକରି ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଥିଲା । ୧୫ ମାର୍ଚ୍ଚ ୨୦୧୧ରେ ଫୁକୁସିମା ନ୍ୟୁକ୍ଲିୟ ଶକ୍ତିକେନ୍ଦ୍ରରୁ ଭୟଙ୍କର ବିକିରଣ ହେବାର ରିପୋର୍ଟ ମିଳିଲା ।



ଚିତ୍ର ସୁନାମୀ ଯୋଗୁଁ ରିଆକ୍ଟରରୁ ବିଷାକ୍ତ ବିକିରଣ

ଭୂମିକମ୍ପ ହେତୁ ହୋଠସୁ ଦ୍ୱୀପ ୮ ଫୁଟ୍ ପୂର୍ବକୁ ଘୁଞ୍ଚିଯାଇଥିଲା ଏବଂ ପୃଥିବୀର ଆବର୍ତ୍ତନ କାଳରେ ୧.୬ ମାଇକ୍ରୋ ସେକେଣ୍ଡ ପରିବର୍ତ୍ତନ ହୋଇଅଛି । ଉତ୍ତର ଆମେରିକୀୟ ଏବଂ ଉତ୍ତର ପଶ୍ଚିମରେ ଥିବା ଅଗ୍ନିବଳୟ ନିକଟବର୍ତ୍ତୀ ପ୍ରଶାନ୍ତ ମହାସାଗରୀୟ ସ୍ତରର ଛେଦ ହେତୁ ଏହି ଭୂମିକମ୍ପ ଘଟିଥିଲା । ଏହି ଭୂମିକମ୍ପ ହେତୁ ସମୁଦ୍ର ଗର୍ଭରେ ୧୫ ମାଇଲ ଖାତ ସୃଷ୍ଟି ହୋଇଥିଲା ଯାହାର ଲମ୍ବ ଥିଲା ୧୮୬ ମାଇଲ ଓ ଓସାର ଥିଲା ୯୩ ମାଇଲ ।

## ୩୦.୩.୬ ଭୂସ୍ଖଳନ

ପ୍ରତି ବର୍ଷାଋତୁରେ ଆମେ ପାହାଡ଼ିଆ ଅଞ୍ଚଳରେ ଭୟଙ୍କର ଭୂସ୍ଖଳନ ଖବର ଶୁଣିଥାଉ ଯାହାକି ରାସ୍ତା ଅବରୋଧ କରିଥାଏ । ଭୂସ୍ଖଳନ ହେଉଛି ମାଧ୍ୟାକର୍ଷଣ ହେତୁ ଓଜନିଆ ଶିଳାଖଣ୍ଡଗୁଡ଼ିକର ଗଡ଼ାଣିଆ ମାର୍ଗ ଦ୍ୱାରା ତଳକୁ ଖସିଆସିବା । ଯେତେବେଳେ ପାହାଡ଼ିଆ ଅଞ୍ଚଳରେ ପଥର ଅସନ୍ତୁଳିତ ଅବସ୍ଥାରେ ଥାଏ, ଭୂସ୍ଖଳନ ଘଟିଥାଏ । ଭୂସ୍ଖଳନର ମୁଖ୍ୟ କାରଣଗୁଡ଼ିକ ହେଉଛି ଭୂତଳ ଜଳରର ଚାପ ଯାହାକି ଗଡ଼ାଣିଆ ମାର୍ଗକୁ ଅଧିକ ତୀବ୍ର କରିଥାଏ । ଭୂମିକମ୍ପ, ଆଗ୍ନେୟଗିରି ଉଦ୍‌ଗୀରଣ, ମୃତ୍ତିକାର କ୍ଷୟ ଇତ୍ୟାଦି । ଏହା ମାନବକୃତ ଜଙ୍ଗଲକ୍ଷୟ, ଡିନାମାଇଟ୍ ଦ୍ୱାରା ପଥର ଫୁଟା, ରାସ୍ତା ଓ କୋଠାବାଡ଼ି ନିର୍ମାଣ ଦ୍ୱାରା ମୁଖ୍ୟତଃ ହୋଇଥାଏ ।

ଅଧିକାଂଶ କ୍ଷେତ୍ରରେ ପ୍ରବଳ ତଥା ଲଗାଣ ବର୍ଷା ଦ୍ୱାରା ଭୂସ୍ଖଳନ ଘଟିଥାଏ । ପାହାଡ଼ ପର୍ବତ ଅଞ୍ଚଳ, ନଦୀକୂଳ ତଥା ସମୁଦ୍ରକୂଳିଆ ଅଞ୍ଚଳରେ ଭୂସ୍ଖଳନ ଏକ ପ୍ରମୁଖ ପ୍ରାକୃତିକ ବିପର୍ଯ୍ୟୟ । ଭୂସ୍ଖଳନ ଧନଜୀବନ ନଷ୍ଟ କରିବା ସହିତ ରାଜପଥ ଅବରୋଧ କରିଥାଏ । ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ଏକ ସାଧାରଣ ଘଟଣା ।



ଚିତ୍ର ୩୦.୬ ମୃତ୍ତିକାକ୍ଷୟ ଓ ଭୂସ୍ଖଳନ ଉଚ୍ଚ ପାହାଡ଼ିଆ ଅଞ୍ଚଳରେ କେବଳ ଧନଜୀବନ ନଷ୍ଟ କରିନଥାଏ, ବରଂ ରାସ୍ତା ଅବରୋଧ କରିଥାଏ ।

## ୩୦.୩.୭ ବାଦଲ ଫଟା ବର୍ଷା

ଯେତେବେଳେ ଭୂସ୍ଖଳନ କଥା ଆମେ ଶୁଣୁ, ଏହା ସହିତ ବାଦଲ ଫଟା ବର୍ଷା ହୋଇଥାଏ । ବାଦଲଫଟା ବର୍ଷା ହେଉଛି ଅତ୍ୟଧିକ ମାତ୍ରାରେ ବୃଷ୍ଟିପାତ । ଯାହା ସହିତ କୁଆପଥର ବୃଷ୍ଟି ଓ ପ୍ରଚଣ୍ଡ ଘଡ଼ଘଡ଼ି ହୋଇଥାଏ । ଏହା ଅଳ୍ପ କେତେ ମିନିଟ୍ ପାଇଁ ହେଲେ ମଧ୍ୟ ବନ୍ୟା ପରିସ୍ଥିତି ସୃଷ୍ଟିକରିଥାଏ । ପରେ ପରେ ଭୂସ୍ଖଳନ ଦେଖାଦିଏ ।

୬, ଅଗଷ୍ଟ ୨୦୧୦ ଦିନ ଲେହଠାରେ ବାଦଲଫଟା ବର୍ଷା ପରେ ଭୟଙ୍କର ବାତ୍ୟା ହୋଇଥିଲା । ପ୍ରାୟ ୧୯୩ ଜଣ ଲୋକ ଏହି ବନ୍ୟାରେ ମୃତ୍ୟୁବରଣ କରିଥିଲେ ଓ ୨୦୦ ଜଣ ନିଖୋଜ ହୋଇଥିଲେ । ହଜାର ହଜାର ଲୋକ ଗୃହ ଶୂନ୍ୟ ହୋଇଥିଲେ ଏବଂ ଧନଜୀବନ ଓ ଭିତ୍ତିଭୂମିର ବ୍ୟାପକ କ୍ଷତି ହୋଇଥିଲା ।



ଚିତ୍ର ୩୦.୭ ହଠାତ୍ ବାଦଲଫଟା ବର୍ଷାରେ ସମାନ ଭାବରେ ଧନଜୀବନ କ୍ଷତି ହୋଇଥିଲା ।

### ପ୍ରତିକାରମୂଳକ ପଦକ୍ଷେପ ଓ ପରିଚାଳନା:

ବାତ୍ୟା, ସୁନାମୀ, ବାଦଲଫଟା ବର୍ଷା ଭଳି ପ୍ରାକୃତିକ ବିପର୍ଯ୍ୟୟର ପ୍ରତିରୋଧ ମନୁଷ୍ୟ ହାତରେ ନଥାଏ । ପ୍ରାକ୍ ସୂଚନା ବା ସତର୍କତା ଦ୍ୱାରା ଜୀବନ ରକ୍ଷା କରାଯାଇପାରିବ । ଏଭଳି ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଅଞ୍ଚଳରେ ରହୁଥିବା ଲୋକମାନେ ନିଜର ଘରୋଇ ପୂର୍ବପ୍ରସ୍ତୁତ ଯୋଜନା ପ୍ରସ୍ତୁତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ନିମ୍ନପ୍ରଦତ୍ତ ସଂଯୋଗ ଓ ସାହାଯ୍ୟକାରୀ ସଂସ୍ଥା ପୂର୍ବଯୋଜନା ପ୍ରସ୍ତୁତିରେ ସହାୟକ ହୋଇଥାଏ ।

- ଜାତୀୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥାର ୱେବ୍‌ସାଇଟ୍ : http://www.ndmindia.nic.in
- ବିପର୍ଯ୍ୟୟ ସମୟରେ ସାହାଯ୍ୟକାରୀ ସଂସ୍ଥା (୧୦୭୦)

### କାର୍ଯ୍ୟକଳାପ ୩୦.୨ :

ପୁରୁଣା ଖବରକାଗଜରୁ କୌଣସି ପ୍ରାକୃତିକ ବିପର୍ଯ୍ୟୟରେ ସୂଚନା ଓ ଚିତ୍ର ସଂଗ୍ରହ କର ଏବଂ ଏହା ଉପରେ ଏକ ବିବରଣୀ ୩୦ ଶବ୍ଦ ମଧ୍ୟରେ ଲେଖ । ଏହି ବିବରଣୀରେ ପ୍ରାକୃତିକ ବିପର୍ଯ୍ୟୟ ଘଟିବାରେ ମନୁଷ୍ୟର କିଭଳି ଭୂମିକା ରହିଛି ଓ ପ୍ରାକୃତିକ ବିପର୍ଯ୍ୟୟକୁ କମାଇବାରେ ମନୁଷ୍ୟର ଭୂମିକା ସମ୍ବନ୍ଧରେ ଉଲ୍ଲେଖ କରିବେ ।

### ପାଠ୍ୟ ଅନ୍ତର୍ଗତ ପ୍ରଶ୍ନାବଳୀ ୩୦.୧

**୧.** 'ପ୍ରାକୃତିକ ବିପର୍ଯ୍ୟୟ'ର ସଂଜ୍ଞା ଲେଖ । ତିନୋଟିର ନାମ ଲେଖ ।

___

୨. ତୁମେ ତୁମ ପରିବାର ସହିତ ଚା' ପିଉଛ । ହଠାତ୍ ଭୂମିକମ୍ପ ଅନୁଭୂତ ହେଲା । ତୁମେ ଓ ତୁମର ପରିବାର ପ୍ରଥମେ ଯେଉଁ ଦୁଇଟି ପଦକ୍ଷେପ ନେବ, ତାହା ଉଲ୍ଲେଖ କର ।

___

୩. ପ୍ରତ୍ୟେକ ବିପର୍ଯ୍ୟୟ ଘଟିବାର ଗୋଟିଏ ଗୋଟିଏ କାରଣ ଲେଖ ।

(କ) ଜଙ୍ଗଲ ନିଆଁ (ଖ) ଭୂସ୍ଖଳନ (ଗ) ବନ୍ୟା

___

୪. ଭାରତର ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ନିମ୍ନଲିଖିତ ବିପର୍ଯ୍ୟୟଗୁଡ଼ିକରୁ କିଭଳି ଜୀବନ ହାନି କମାଇପାରିବ ଗୋଟିଏ ଲେଖାଏଁ ଉପାୟ ଲେଖ ।

(କ) ବାତ୍ୟା (ଖ) ସୁନାମୀ

___

୫. ବାଦଲଫଟା ବର୍ଷା ପରେ କ'ଣ ଘଟେ ?

___

## ୩୦.୪ ପରିବେଶ ଉପରେ ଜନସଂଖ୍ୟାର ପ୍ରଭାବ

ଆମେ ସମସ୍ତେ ଜାଣୁ ଯେ ଭାରତର ଜନସଂଖ୍ୟା ୧୦୦ କୋଟି ଟପିଯାଇଛି । ତୁମେ ଜାଣ କି ପୃଥିବୀର ଲୋକସଂଖ୍ୟା ବର୍ତ୍ତମାନ ୬୯୧ କୋଟି ରହିଛି ଏବଂ ଆଶା କରାଯାଉଛି ୨୦୫୦ ବେଳକୁ ଏହା ୭୫୦ରୁ ୧୦୫୦ କୋଟି ମଧ୍ୟରେ ହୋଇପାରେ । ଏଭଳି ବିଶାଳ ଜନସଂଖ୍ୟା ପାଇଁ ଜଳ, ଖାଦ୍ୟ, ବାସସ୍ଥାନ, ଶକ୍ତି, ଜାଗା, ଜାଳେଣୀ ଭଳି ପ୍ରାକୃତିକ ସଂପଦ ପ୍ରଚୁର ପରିମାଣରେ ଦରକାର । ଏହିଭଳି ବିଶାଳ ଜନସଂଖ୍ୟା ସ୍ଥାନୀୟ ତଥା ବିଶ୍ୱସ୍ତରରେ ଭୟଙ୍କର ପରିସ୍ଥିତି ସୃଷ୍ଟିକରିବ ।

ଯଦିଓ ଜନସଂଖ୍ୟା ବୃଦ୍ଧି ଆମର ପ୍ରାକୃତିକ ସଂପଦ ଉପରେ ଅତ୍ୟଧିକ ଚାପ ପକାଉଛି ତଥାପି ଦାୟିତ୍ୱହୀନ ତଥା ନିର୍ବିଚାର ଭାବେ ମନୁଷ୍ୟକୃତ ବ୍ୟବହାର ପରିସ୍ଥିତିକୁ ଅଧିକ ଖରାପ କରିଛି । ବିଶାଳ ଜନସଂଖ୍ୟା ଅର୍ଥାତ୍ ଖାଦ୍ୟ ପାଇଁ ଅଧିକ ଚାଷଜମି, ଜଳସେଚନ ପାଇଁ ଅଧିକ ଜଳ, ଅଧିକ ସାର, କୀଟନାଶକର ଆବଶ୍ୟକତା ରହିଛି । ଗୃହ ନିର୍ମାଣ, ରାସ୍ତା, ଶିକ୍ଷାନୁଷ୍ଠାନ, ଶିଳ୍ପ ପାଇଁ ଅଧିକ ଜଙ୍ଗଲ କଟାଚାଲିଛି । ଖାଦ୍ୟ, ବାସଗୃହ, ଶକ୍ତି ଚାହିଦା ପାଇଁ ପ୍ରାକୃତିକ ସଂପଦ ଦ୍ରୁତ ଅବକ୍ଷୟ ଘଟୁଛି । ପରିବେଶର ଶକ୍ତି ରହିବା କିଛିବର୍ଷ ପରେ ଏଗୁଡ଼ିକର ପୁନର୍ଗଠନ କରିବା ପାଇଁ । ଯାହାହେଉ ନା କାହିଁକି ମନୁଷ୍ୟକୃତ ଅତ୍ୟଧିକ ଶୋଷଣ ହେତୁ ଅନେକଗୁଡ଼ିଏ ପରିବେଶୀୟ ସମସ୍ୟା ସୃଷ୍ଟି ହେଉଛି । ଯଥା-

- ଜଙ୍ଗଲ ହାନି ଓ ପରିସଂସ୍ଥାର ବିଲୋପ
- ବାୟୁ, ଜଳ ଏବଂ ଭୂମି ପ୍ରଦୂଷଣ
- ଜୀବାଶ୍ମ ଇନ୍ଧନର ଅବକ୍ଷୟ
- କୀଟନାଶକର ସଂକେନ୍ଦ୍ରଣ ହେତୁ ଜୈବ ବିବର୍ଦ୍ଧନ
- ଓଜୋନ୍ ସ୍ତରର କ୍ଷୟ ଏବଂ ବିଶ୍ୱତାପନ
- ଅତ୍ୟଧିକ ଆବର୍ଜନା ହେତୁ ଅସ୍ୱାସ୍ଥ୍ୟକର ଜୀବନ ।

ଏବେ ଏଗୁଡ଼ିକର ବିଶଦ ଅଧ୍ୟୟନ କରିବା


### ୩୦.୪.୧ ଜଙ୍ଗଲହାନି

ପୂର୍ବ ପାଠରେ ଜଙ୍ଗଲର ଗୁରୁତ୍ୱ ଉପରେ ଯାହା ପଢ଼ିଥିଲ ମନେ ପକାଅ । ବ୍ୟାପକ ଜଙ୍ଗଲ ହାନି

କିଭଳି ଭାବେ ଜୀବଜଗତ ପ୍ରତି ବିପଦ ସୃଷ୍ଟିକରୁଛି ତୁମେ ଏହାର ଯଥାର୍ଥତା ପ୍ରତିପାଦନ କରିପାରିବ ତ ? ନିମ୍ନପ୍ରଦତ୍ତ ଚିତ୍ରରୁ ସୂଚନା ପାଇଁ ଦୁଇଟି କାରଣ ଲେଖ ।

୧. ________________________

୨. ________________________



ଚିତ୍ର ୩୦.୮ ଜଙ୍ଗଲକଟା ପରେ ଖୁଣ୍ଟାଗଛ

ପ୍ରାକୃତିକ ଜଙ୍ଗଲ କାଟିବାକୁ ଜଙ୍ଗଲହାନି କୁହାଯାଏ । ବିଭିନ୍ନ ଲକ୍ଷ୍ୟପୂରଣ ପାଇଁ ଜଙ୍ଗଲ କଟାଚାଲିଛି ଯଥା-

- ଚାଷଜମିର ତଥା ଚାରଣ ଭୂମିର ଅଧିକ ଚାହିଦା
- କାଠ ଓ କାଗଜର ଅଧିକ ଚାହିଦା

ଜଙ୍ଗଲ କାଟିବା ହେତୁ ନିମ୍ନ ଫଳାଫଳ ହୋଇପାରେ ।

- ବନ୍ୟ ପଶୁପକ୍ଷୀ ତଥା ଉଦ୍ଭିଦମାନଙ୍କର ପ୍ରାକୃତିକ ବାସସ୍ଥଳୀର ଧ୍ୱଂସ ହେତୁ ଅନେକଗୁଡ଼ିକ ପ୍ରଜାତିର ଲୋପ ଓ ଜୈବ ବିବିଧତାର କ୍ଷୟ । ଏହି ବିଷୟରେ ତୁମ୍ଭେମାନେ ଊନବିଂଶ ପାଠରେ ପଢ଼ିଛ ।
- ସ୍ୱଳ୍ପ ବୃଷ୍ଟିପାତ
- ଜଳସ୍ତରର ହ୍ରାସ ହେତୁ ଜଳଚକ୍ର ପ୍ରଭାବିତ ଫଳସ୍ୱରୂପ ଶୁଷ୍କ ଜଳବାୟୁ
- ମୃତ୍ତିକାକ୍ଷୟ, ମୃତ୍ତିକାର ଉର୍ବରତା ହାନି ଏବଂ ଚାଷଜମିର ଯୋଗୁଁ ବୃକ୍ଷଲତା ହାନି
- ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସ ବୃଦ୍ଧି ଯୋଗୁଁ ବିଶ୍ୱତାପନ

## ପ୍ରତିରୋଧମୂଳକ ପଦକ୍ଷେପ ଓ ପରିଚାଳନା

ଯେହେତୁ ନୂତନ ବନୀକରଣ ପାଇଁ ଅନେକ ବର୍ଷ ଲାଗିଥାଏ । ତେଣୁ ଜଙ୍ଗଲ କାଟିବାକୁ ଉପଯୁକ୍ତ ଆଇନ ଦ୍ୱାରା ପ୍ରତିହତ କରିବା ଉଚିତ । କଟାଯାଇଥିବା ଜଙ୍ଗଲ ଜାଗାରେ ନୂତନ ଭାବେ ଗଛ ଲଗାଇବା ଯାହାକୁ କି ବନୀକରଣ କୁହାଯାଏ । ଏହାଦ୍ୱାରା ଜଙ୍ଗଲ ହାନିକୁ ପ୍ରତିହତ କରାଯାଇପାରିବ ।

ପୁନର୍ବନୀକରଣ ଯୋଜନା ନିମ୍ନଲିଖିତ ପଦକ୍ଷେପଗୁଡ଼ିକ ସହିତ ସଂପୃକ୍ତ ।

- ଜଙ୍ଗଲ କାଟିବା ବିରୋଧରେ କଡ଼ା ପରିବେଶ ଆଇନ ପ୍ରଣୟନ ହେବା ଆବଶ୍ୟକ ।
- ପ୍ରତ୍ୟେକ କଟାଯାଇଥିବା ଗଛ ପାଇଁ ନୂତନ ବୃକ୍ଷରୋପଣ ।
- ଉତ୍ସାହର ସହିତ ବନ ମହୋତ୍ସବ ପାଳନ । ଏଥିରେ ଜୁଲାଇ ମାସର ପ୍ରଥମ ସପ୍ତାହରେ ବ୍ୟାପକ ବୃକ୍ଷରୋପଣ ହୋଇଥାଏ ।
- ବନ୍ୟ ବୃକ୍ଷରୋପଣ, ଯାହାଦ୍ୱାରା ଶିଳ୍ପ ପାଇଁ କାଠ ଯୋଗାଇଥାଏ । ଜଙ୍ଗଲ ହାନି ମଧ୍ୟ ରୋକାଯାଇପାରିବ ।

- ସାମାଜିକ ବନୀକରଣ ବା ଧାଡ଼ି ଧାଡ଼ି ବୃକ୍ଷରୋପଣ ଯାହାକି ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ନୂତନ ବନ ସୃଷ୍ଟି ପାଇଁ ସଂଗଠିତ ହୋଇଥାଏ ।



*ଚିତ୍ର ୩୦.୯* ପୁନର୍ବନୀକରଣ

**ପୁନର୍ବନୀକରଣ:** ବୃକ୍ଷରୋପଣ ମାଧ୍ୟମରେ ପ୍ରାକୃତିକ ବା କୃତ୍ରିମ ଉପାୟରେ ହୋଇଥିବା ଜଙ୍ଗଲହାନିର ପରିପୂରଣ

**ବନୀକରଣ:** ଟାଙ୍ଗରା ଭୂଇଁରେ ବୃକ୍ଷରୋପଣ କରି ନୂତନ ବନ ସୃଷ୍ଟିକରିବା ।

**ବନ ବିଜ୍ଞାନ:** ବୃକ୍ଷଗୁଡ଼ିକର ବୃଦ୍ଧି, ଗଠନ, ସ୍ୱାସ୍ଥ୍ୟ ଇତ୍ୟାଦି ସମ୍ବନ୍ଧରେ ଅଧ୍ୟୟନ ଯାହା ବିଭିନ୍ନ ପ୍ରକାର ଆବଶ୍ୟକତା ପୂରଣ କରିଥାଏ ।

ଉପ ହିମାଳୟ ଅଞ୍ଚଳରେ ଜଙ୍ଗଲ କାଟିବା ବିରୁଦ୍ଧରେ ମହିଳାମାନେ ଏକ ଆନ୍ଦୋଳନ କରିଥିଲେ ଯାହାକି 'ଚିପକୋ ଆନ୍ଦୋଳନ' ଭାବରେ ପ୍ରସିଦ୍ଧ ।

## ପାଠ୍ୟ ଅନ୍ତର୍ଗତ ପ୍ରଶ୍ନାବଳୀ ୩୦.୨

ଶୂନ୍ୟସ୍ଥାନ ପୂରଣ କର ।

୧. ଜଙ୍ଗଲ କାଟିବା ଯୋଗୁଁ ______ ଏବଂ ______ ପଶୁ ନଷ୍ଟ ହେଉଛନ୍ତି ।

୨. ______ ର ଆବଶ୍ୟକତା ହେତୁ ବୃକ୍ଷ କରାଯାଉଛି ।

୩. ______ ଓ ______ କରିବା ପୁନର୍ବନୀକରଣରେ ସହାୟକ ହେବ ।

୪. ପରିବେଶୀୟ ସମସ୍ୟା ଯଥା ______ ଓ ______ ଜନସଂଖ୍ୟା ବୃଦ୍ଧି ହେତୁ ଘଟିଥାଏ ।

### ୩୦.୪.୨ ପ୍ରଦୂଷଣ

ମାନବକୃତ ଯେକୌଣସି ଅନାବଶ୍ୟକ ପରିବେଶୀୟ ପରିବର୍ତ୍ତନକୁ ପ୍ରଦୂଷଣ କୁହାଯାଏ ।